## କାଶୀପୁରରେ ପୁଣି ଜନନୀ ଯନ୍ତ୍ରଣା

# ବୁହା ହେଲେ ଗର୍ଭବତୀ:ସାହା ହେଲେ ଆମ୍ବୁଲାନ୍ସ କର୍ମଚାରୀ



କାଶୀପୁର,୨୫।୫(ନି.ପ୍ର): ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଖରେ ସରକାରଙ୍କ ବହୁ ଯୋଜନା ଅପହଞ୍ଚ ହେଉଛି। କେଉଁଠି ରାସ୍ତା ସମସ୍ୟା ତ' ଆଉ କେଉଁଠି ଇଚ୍ଛାଶକ୍ତିର ଅଭାବ। ସବୁ ଥାଇ ମଧ୍ୟ ଯନ୍ତ୍ରଣାରେ ଛଟପଟ ଦୁର୍ଗମ ଅଞ୍ଚଳର ଗର୍ଭବତୀ। ରାୟଗଡ ଜିଲା କାଶୀପୁର ବ୍ଲକରେ ବାରମ୍ବାର ଜନନୀ ଯନ୍ତ୍ରଣା ଶୀରନାମ ପାଲଟିଥିବା ବେଳେ ପ୍ରଶାସନର ଆନ୍ତରିକତା ଅଭାବରୁ ଗୋଟିଏ ପରେ ଗୋଟିଏ ଜନନୀ ଯନ୍ତ୍ରଣା ଫର୍ଦ ଯୋଡି ହେଉଛି। ମଙ୍ଗଳବାର ଏଭଳି ଅଭାବନୀୟ ଘଟଣା ରାୟଗଡା ଜିଲା କାଶୀପୁର ବ୍ଲକ ସିରିପାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସରାପାସ ଗ୍ରାମରେ ଦେଖିବାକୁ ମିଳିଛି। ସରାପାସ ଗ୍ରାମର ସାମଡୁ ମାଝିଙ୍କ ସ୍ତ୍ରୀ ବାସନ୍ତୀ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ବାସନ୍ତୀଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ନିମନ୍ତେ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ୧୦୨ ଆମ୍ବୁଲେନ୍ସ କାଶୀପୁର ଠାରୁ ଆସିଥିଲା ହେଲେ ଉକ୍ତ ଗ୍ରାମକୁ ପହଞ୍ଚି ପାରି ନ ଥିଲା। କାରଣ ଗ୍ରାମକୁ ପକ୍କା ରାସ୍ତା ନ ଥିଲା। ଗାଁଠୁ ପ୍ରାୟ ୨ କିମି ଦୂରରେ ଅଟକି ରହିଥିବା ଆମ୍ବୁଲାନ୍ସ। ଗର୍ଭବତୀଙ୍କ ୧୦୨ ଆମ୍ବୁଲାନ୍ସ ଚାଳକ ପରୀକ୍ଷିତ ନାଏକଙ୍କ ସହ ଦିଦି ଏବଂ ପରିବାର ଲୋକଙ୍କ ସହାୟତାରେ ଭାରରେ ବୁହା ହୋଇ ଅଣାଯାଇଥିଲା। ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କାଶୀପର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପରେ ମା' ଏବଂ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି।